# ପିଲାଙ୍କ ଧରିତ୍ରୀ

ଶନିବାର, ୨୩ ନଭେମ୍ବର, ୨୦୧୯



# ଯୋଗ ପାଇଁ ରାଜାଙ୍କ ଚିନ୍ତା ଗଲା




ଦିନେ ବାଘ ସକାଳେ ବୁଲୁଥିବା ବେଳେ ଦେଖିଲା ବିଲୁଆଟିଏ କେତେକ ପ୍ରାଣୀଙ୍କୁ ନେଇ ଯୋଗ ଶିଖାଉଛି। ତା'ର ଅନୁମତି ନ ନେଇ ବିଲୁଆ ଯୋଗଶିକ୍ଷା ଦେଉଥିବାରୁ ବାଘ ରାଗିଗଲା। କିଛିବାଟ ଯିବାପରେ ଦେଖିଲା ଡାକ୍ତରଖାନାରେ ତାଲା। ତା'ର ରାଗ ଆହୁରି ବଢ଼ିଗଲା। ସେ ଡାକ୍ତରଙ୍କୁ ପଚାରିବାରୁ ସେମାନେ କହିଲେ, ବିଲୁଆ ଯୋଗଶିକ୍ଷା ଦେବାରୁ ପ୍ରାଣୀମାନଙ୍କର ଦେହ ଆପେ ଆପେ ଭଲ ହୋଇଯାଉଛି। ଖୁବ୍ କମ୍ ପ୍ରାଣୀ ଡାକ୍ତରଖାନାକୁ ଆସୁଛନ୍ତି। ଏହା ଶୁଣି ସେ କହିଲା– ବିଲୁଆ ବଦମାସ କରି ଏଭଳି କାର୍ଯ୍ୟ କରୁଛି। ଏହା ତ ଗୋଟିଏ ଖେଳ। ପ୍ରତ୍ୟେକ ପ୍ରାଣୀ ତ ନିଜ ନିଜ ଇଚ୍ଛା ଅନୁସାରେ ଖେଳିପାରିବେ। ତେଣୁ ଏଭଳି କରିବାର କାରଣ କ'ଣ ? ବିଲୁଆର ଏହା ଅନ୍ଧବିଶ୍ୱାସ। ଯୋଗଶିକ୍ଷା ଦେବା ବନ୍ଦ କରିବା ପାଇଁ ବାଘ ବିଲୁଆକୁ ନିର୍ଦ୍ଦେଶ ଦେଲା। ବାଘରାଜାଙ୍କ କଥା ମାନି ବିଲୁଆ ବି ଯୋଗଶିକ୍ଷା ବନ୍ଦ କରିଦେଲା। ଏହିପରି କିଛିଦିନ ଗଲା। ତା'ପରେ ଦେଖାଗଲା ଡାକ୍ତରଖାନାରେ ରୋଗୀ ପୂର୍ଣ୍ଣ। ଡାକ୍ତରମାନେ ରାଜାଙ୍କୁ ଅଧିକ ଡାକ୍ତର ନିଯୁକ୍ତ କରିବାକୁ ଅନୁରୋଧ କଲେ। ରୋଗୀମାନେ ବହୁତ ଖର୍ଚ୍ଚାନ୍ତ ହେଲେ। ଡାକ୍ତରଙ୍କୁ ଦରମା ଦେବାରେ ରାଜାଙ୍କ ଭଣ୍ଡାର ଧୀରେ ଧୀରେ ଖାଲି ହେବାକୁ ବସିଲା।

ଭଣ୍ଡାରଘର ଖାଲି ହେବା ଖବର ଶୁଣି ପଡ଼ୋଶୀ ରାଜାମାନେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ। ଗୁପ୍ତଚର ଏ ଖବର ଦେବାରେ ରାଜା ବଡ଼ ଅଡୁଆରେ ପଡ଼ିଲେ। ସେ ମନ୍ତ୍ରୀ, ସେନାପତି ଓ ପଣ୍ଡିତମାନଙ୍କୁ ଡାକି ଘନଘନ ବୈଠକ କଲେ। କିଛି ସୁଫଳ ମିଳିଲା ନାହିଁ। ପଛରେ ବସିଥାଏ ବିଲୁଆ। ରାଜା କାଳେ ତାକୁ କ'ଣ କହିବେ ସେଥିପାଇଁ ସେ ଲୁଚି ବସିଥାଏ। ରାଜାଙ୍କର ବିବ୍ରତ ଅବସ୍ଥା ଦେଖି ସେ ନୀରବ ହୋଇ ରହିପାରିଲା ନାହିଁ। ଆଗକୁ ଆସି କହିଲା– ଆଜ୍ଞା, ମୋ ଯୋଗ ବିଦ୍ୟାଳୟ ଦ୍ୱାରା ବିନା ଖର୍ଚ୍ଚରେ ପ୍ରାଣୀମାନେ ଆରୋଗ୍ୟ ଲାଭ କରିପାରୁଥିଲେ। କିନ୍ତୁ ଆପଣଙ୍କ ନିର୍ଦ୍ଦେଶରେ ତାକୁ ବନ୍ଦ କରିଦେବାରୁ ଆର୍ଥିକ ଦୁରବସ୍ଥା ଦେଖାଦେଲା। ଏହାକୁ ଜାଣି ପଡ଼ୋଶୀମାନେ ଯୁଦ୍ଧ ପାଇଁ ଅଗ୍ରସର ହେଉଛନ୍ତି। ଆପଣ ମୋତେ ପୁଣି ଯୋଗଶିକ୍ଷା ଦେବାକୁ ଅନୁମତି ଦିଅନ୍ତୁ। ଖୁବ୍ କମ୍ ଦିନରେ ରାଜକୋଷ ପୂରିଉଠିବ।

ରାଜା ତାହା ହିଁ କଲେ। ରାଜକୋଷ ପୂରିଉଠିବା ଶୁଣି ପଡ଼ୋଶୀମାନେ ଚୁପ୍ ରହିଲେ। ଯୋଗ ପାଇଁ ରାଜାଙ୍କ ଚିନ୍ତା ଗଲା। ଏଥିପାଇଁ ସେ ବିଲୁଆକୁ ଦଣ୍ଡଦେବା ପରିବର୍ତ୍ତେ ପୁରସ୍କାର ଦେଲେ।

**–ରମେଶ ଚନ୍ଦ୍ର ଦାଶ**
ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ: ୯୭୭୬୨୩୮୫୨୨

## ମତାମତ

" ପିଲାଙ୍କ ଧରିତ୍ରୀର ପୃଷ୍ଠା ୨ରେ ପ୍ରକାଶ ପାଇଥିବା 'ଜଳର ଶ୍ରେଷ୍ଠତା' ଗପ ଭଲ ଲାଗିଲା। ଆଇନାରେ ପ୍ରକାଶିତ ଫଟୋଗୁଡିକ ବେଶ୍ ଆକର୍ଷଣୀୟ ଥିଲା।

**– ସୌମ୍ୟରଞ୍ଜନ ପଣ୍ଡା,**
ବ୍ରିଦାଶପୁର, ନୟାଗଡ


" ଆସ ଜାଣିବାରେ ପ୍ରକାଶିତ ଗିନିଜ୍ ୱାର୍ଲ୍ଡ ରେକର୍ଡ ମ୍ୟୁଜିୟମ୍ ସମ୍ପର୍କରେ ପଢି ଆଶ୍ଚର୍ଯ୍ୟ ଲାଗିଲା। କବିତା ସ୍ତମ୍ଭର ପ୍ରତିଟି କବିତା ବେଶ୍ ମନଛୁଆଁ ହୋଇପାରୁଛି।

**– ଜିମି ମିଶ୍ର,**
ପ୍ରତାପନଗର, କଟକ

" ଜଣା ଅଜଣା ପୃଷ୍ଠାଟି ବେଶ୍ ଉପାଦେୟ ହେଉଛି। 'କହିଲ ଦେଖି'ର ଉତ୍ତର ଦେବାକୁ ମଜା ଲାଗୁଛି।

**– ଇନ୍ଦୁମତୀ ମୁନା,**
ପାଟଣାଗଡ, ବଲାଙ୍ଗୀର

## ବିନ୍ଦୁ ଯୋଡ଼



## ଖିଲିଖିଲି ହସ

ଥରେ ଜଣେ ଗଣିତ ଶିକ୍ଷକ ହୋଟେଲକୁ ଯାଇ ୱେଟରକୁ ରୁଟି ମାଗି ଗିନାରେ ବୁଡ଼ାଇ ବୁଡ଼ାଇ ଖାଉଥିଲେ। ଏହା ଦେଖି ୱେଟର କହିଲା– ସାର୍, ଆପଣ ଖାଲି ଗିନାରେ ରୁଟିକୁ ବୁଡ଼ାଇ ବୁଡ଼ାଇ ଖାଉଛନ୍ତି, ହେଲେ ଗିନାରେ ତ କିଛି ନାହିଁ ?
ଶିକ୍ଷକ: ମୁଁ ଗିନାରେ ତରକାରି ଅଛି ବୋଲି ଭାବିକି ଖାଉଛି ?

ପିଙ୍କି ଥରେ ତା' ସାଙ୍ଗମାନଙ୍କ ସହ ମେଳା ଦେଖିବାକୁ ଗଲା। ମେଳାରେ ଜଣେ ଜ୍ୟୋତିଷ ପିଙ୍କିର ହାତ ଦେଖି ବହୁତ ଖୁସି ହୋଇ କହିଲେ– ଝିଅ, ତୋ ହାତରେଖାରେ ଲେଖା ଅଛି ତୁମ ଘର ତଳେ ବହୁତ ଧନ ଅଛି।
ପିଙ୍କି ହସିକି କହିଲା– ହଁ ଅଙ୍କଲ, ଆପଣ ସତ କହିଲେ, ମୁଁ ଯେଉଁ ଆପାର୍ଟମେଣ୍ଟରେ ରହୁଛି ତା' ତଳେ ବ୍ୟାଙ୍କ ଅଛି।

ମୋନୁ: ଆରେ ସାଙ୍ଗ ଜାଣିଲୁ କାଲି ମୋ ସାମ୍ନାରେ ଗୋଟେ ବହୁତ ବଡ ସମସ୍ୟା ଦେଖାଗଲା।
ଚିନୁ: କ'ଣ ସମସ୍ୟା ?
ମୋନୁ: ମୁଁ କାଲି ଘର ପାଖ ଗୋଟେ ରେଷ୍ଟୁରାଣ୍ଟକୁ ଗଲି । ସେଠାରେ ଲେଖା ହୋଇଥିଲା ଖାଦ୍ୟ ଖାଇସାରିବା ପରେ ପ୍ଲେଟ୍‌ରେ ହାତ ଧୁଅନ୍ତୁ ନାହିଁ।
ଚିନୁ: ତେବେ ତୁ କ'ଣ କଲୁ ?
ମୋନୁ: ମୁଁ ତ ବହୁତ କଷ୍ଟରେ ପାଣି ଗ୍ଲାସ୍‌ରେ ହାତ ପୂରାଇ ଧୋଇଲି।


## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଚଗଲା ଭୀମୁ



ବିଚିତ୍ର ବୈଜ୍ଞାନିକ

# ଏ ଇଚ୍ଛା ଈଶ୍ୱରଙ୍କର ନୁହେଁ ଇଗଲର...

ପୁରାତନ ଗ୍ରୀସ୍ ବୈଜ୍ଞାନିକ ଡେମୋକ୍ରିଟସଙ୍କୁ ପରମାଣୁ ମତବାଦର ଜନକ ବୋଲି କୁହାଯାଏ। କାରଣ, ସମସ୍ତ ବସ୍ତୁ ଏଥିରେ ଗଠନ ହୋଇଥିବା ସମ୍ପର୍କରେ ସେ ପ୍ରଥମେ ସୂଚନା ଦେଇଥିଲେ। ଗବେଷଣାକୁ ବାଦ୍ ଦେଲେ ତାଙ୍କ ଲକ୍ଷ୍ୟ ଥିଲା ସମାଜରୁ ଅନ୍ଧବିଶ୍ୱାସ ଦୂରକରିବା। ତେଣୁ ସେ ଲୋକଙ୍କୁ ଅଲୌକିକତା ବିଷୟରେ ବୁଝାଉଥିଲେ।



ଥରେ ଜଣେ ଲୋକ ରାସ୍ତାରେ ଯାଉଥିବା ବେଳେ ଏକ ଦୁର୍ଘଟଣାର ଶିକାର ହେଲେ। ହଠାତ୍ ଆକାଶରୁ କଇଁଛଟାଏ ଖସି ତାଙ୍କ ମୁଣ୍ଡ ଉପରେ ପଡ଼ିଲା। ସେ ଥିଲେ ସମ୍ପୂର୍ଣ୍ଣ ଚନ୍ଦା। ଏଣୁ ତା' ଆଘାତରେ ତାଙ୍କର ମୃତ୍ୟୁ ଘଟିଲା। ଲୋକେ ସେଠାରେ ଜମା ହୋଇଗଲେ। ସେମାନେ ଦେଖିଲେ ଯେ, ଆକାଶରେ ଇଗଲ ପକ୍ଷୀଟିଏ ଶବ ଉପରେ ଚକ୍କର କାଟୁଛି। ସେତେବେଳେ ଲୋକଙ୍କର ବିଶ୍ୱାସ ଥିଲା ଯେ ଏହା ହେଉଛି ଈଶ୍ୱରଙ୍କ ପକ୍ଷୀ। ଅତଏବ ମୃତ୍ୟୁ ମୂଳରେ କିଛି ଐଶ୍ୱରିକ ଶକ୍ତି ଥିବାର ସେମାନେ ଭାବିଲେ। ଏହାକୁ ନେଇ ଚାରିଆଡ଼େ ଗୁଜବ ପ୍ରଚାର ହେବାକୁ ଲାଗିଲା। ପରଦିନ ଖବରକାଗଜରେ ମଧ୍ୟ ଏହି ଖବରଟି ପ୍ରକାଶ ପାଇଲା। ସେଥିରେ ବି ତାକୁ ସେହି ରୂପେ ବର୍ଣ୍ଣନା କରାଯାଇଥିଲା। କିଛି ଲୋକ ଡିମୋକ୍ରିଟସ୍‌ଙ୍କୁ ଏ ବିଷୟରେ ତାଙ୍କର ମତାମତ ପଚାରିଥିଲେ। ସେ ଏହାକୁ ଈଶ୍ୱରଙ୍କ ଇଚ୍ଛା ରୂପେ ବିଚାର କରନ୍ତି କି ନାହିଁ ତାହା ଜାଣିବାକୁ ଚାହିଁଲେ। ତେଣୁ ଡିମୋକ୍ରିଟସ କହିଲେ- '' ଏ ଘଟଣାରେ ସେମିତି କିଛି ବିଶେଷତ୍ୱ ନାହିଁ। ଇଗଲ କଇଁଛଟାଏ ଧରି ଉଡ଼ିଯାଉଥିଲା। ତା'ଠାରୁ ସେଇଟା ଗଳିପଡ଼ିଲା। ତାହା ଏ ଭଦ୍ରଲୋକଙ୍କ ମୁଣ୍ଡରେ ପଡ଼ିଗଲା। କଇଁଛର ଖୋଳ ଟାଣ। ସେଥିପାଇଁ ତା' ଆଘାତରେ ତାଙ୍କର ମୃତ୍ୟୁ ହେଲା। ଏହି ସାଧାରଣ ଘଟଣାକୁ ଏତେ ଗୁରୁତ୍ୱ ଦେବା କି ତାକୁ ଈଶ୍ୱରଙ୍କ ଇଚ୍ଛା ସହିତ ଯୋଡ଼ିବା ମୋଟେ ଠିକ୍ ନୁହେଁ।''

ତେବେ ଅନେକ ଲୋକ ତାଙ୍କ ସହିତ ଏକମତ ହେଲେ ନାହିଁ। ସେମାନେ ତାଙ୍କୁ ଏଣୁତେଣୁ ଗୁଡ଼େଇ ତୁଡ଼େଇ ପଚାରିଲେ। ସେମାନଙ୍କ ଭିତରୁ ଜଣେ କହିଲା- ଏହା ଈଶ୍ୱରଙ୍କ ଇଚ୍ଛା ହୋଇ ନ ଥିଲେ କଇଁଛଟା ଇଗଲର ପାଟିରୁ ଖସିଥାନ୍ତା କାହିଁକି ? ପୁଣି ସେତିକି ବେଳେ ଏ ଭଦ୍ରଲୋକ ଜଣକ ତା' ତଳେ ଥାଆନ୍ତେ କାହିଁକି?

ଏସବୁ ଶୁଣି ଡିମୋକ୍ରିଟସ୍ ମନେ ମନେ ଚିଡ଼ିଗଲେ। ଟିକିଏ ଭାବିଚିନ୍ତି ସେ କହିଲେ- ''ଏ ଘଟଣା ଈଶ୍ୱରଙ୍କ ଇଚ୍ଛାରୁ ଘଟିନାହିଁ, ବରଂ ଘଟିଛି ଇଗଲର ଇଚ୍ଛାରୁ। କାରଣ ପକ୍ଷୀଟି ଜାଣିଶୁଣି କଇଁଛଟିକୁ ତାଙ୍କ ମୁଣ୍ଡ ଉପରେ ପକାଇ ଦେଇଛି।''

ତା'ପରେ ସେ ପୁଣି କହି ଚାଲିଲେ- ''ଇଗଲମାନେ କଇଁଛ ମାଂସକୁ ଭାରି ଭଲ ପାଆନ୍ତି, ହେଲେ ତାଙ୍କ ଟାଣ ଖୋଳପାକୁ ସହଜରେ ଭାଙ୍ଗିପାରନ୍ତି ନାହିଁ। ସେଥିପାଇଁ ସେମାନେ ତାକୁ ଧରି ଉଚ୍ଚକୁ ଉଡ଼ିଯାଆନ୍ତି ଏବଂ ତଳେ ପଥର ଚଟାଣଟିଏ ଦେଖିଲେ ତାକୁ ତାହାରି ଉପରେ ପକାଇଦିଅନ୍ତି। ଫଳରେ ଖୋଳ ଭାଙ୍ଗି ସେଥିରୁ ମାଂସ ବାହାରି ଆସେ। ସେମାନେ ତାକୁ ଆରାମରେ ଖାଆନ୍ତି।''

ଏ ଭଦ୍ରଲୋକଙ୍କ ମୁଣ୍ଡ ଚନ୍ଦା ଥିଲା। ବୋଧହୁଏ ଇଗଲ ତାକୁ ଭୁଲ୍‌ରେ ପଥର ଚଟାଣ ଭାବି କଇଁଛଟିକୁ ତାହାରି ଉପରେ ପକାଇ ଦେଇଛି।''

ଏକଥା ଶୁଣିଲା ପରେ ଆଉ କାହା ମୁହଁରେ କିଛି ଜବାବ ନ ଥିଲା।

-ପ୍ର. ରମେଶ ଚନ୍ଦ୍ର ପରିଡ଼ା
ମୋ:୯୯୩୭୯୮୫୭୬୭

## ଗିନିଜ ୱାର୍ଲ୍ଡ ରେକର୍ଡ




## ସର୍ବବୃହତ୍ ଟେଡି ବିୟର 'ଜୋନିତା'

ପିଲାମାନଙ୍କର ସବୁଠାରୁ ପ୍ରିୟ ଖେଳନା ମଧ୍ୟରୁ ଅନ୍ୟତମ ଟେଡି ବିୟର। ଫରରେ ପ୍ରସ୍ତୁତ ଏହି ଟେଡି ବିୟର ଦେଖିବାକୁ ମଧ୍ୟ ଖୁବ୍ ଆକର୍ଷଣୀୟ। ତେବେ ପିଲାଙ୍କ ମନୋରଞ୍ଜନ ଲାଗି ଉଦ୍ଦିଷ୍ଟ ଏହି ଟେଡି ବିୟର ଏବେ ସୃଷ୍ଟି କରିଛି ରେକର୍ଡ। ମେକ୍ସିକୋର ଜୋନାକାଟଲାନ ସହରରେ ବାସ କରୁଥିବା କେତେକ ବ୍ୟକ୍ତି ମିଳିତ ଭାବେ ଏକ ଟେଡି ବିୟର ପ୍ରସ୍ତୁତ କରିଛନ୍ତି, ଯାହା ପୃଥିବୀର ସର୍ବବୃହତ ଟେଡି ବିୟର ଭାବେ ସ୍ଥାନ ପାଇଛି ଗିନିଜ୍ ୱାର୍ଲ୍ଡ ରେକର୍ଡରେ। ୨୦ ମିଟର ଲମ୍ବ ଏବଂ ୪ ଟନ ଓଜନ ବିଶିଷ୍ଟ ଏହି ବିଶାଳ ଟେଡି ବିୟରକୁ ପ୍ରସ୍ତୁତ କରିବା ପାଇଁ ଏହି ଟିମ୍‌କୁ ପ୍ରାୟ ୩ ମାସ ସମୟ ଲାଗିଥିଲା। ଚଳିତ ବର୍ଷ ଏପ୍ରିଲ ୨୮ରେ ମେକ୍ସିକୋର ଜାତୀୟ ଶିଶୁ ଦିବସ ଅବସରରେ 'ଜୋନିତା' ନାମକ ଏହି ଟେଡି ବିୟରକୁ ପ୍ରଦର୍ଶନ କରାଯାଇଥିଲା।








୧




୨




୩




୪



୫



୬




୭



୮



୯



୧୦



୧
ଧର୍ମେନ୍ଦ୍ର କୁମାର ନାୟକ
କ୍ଲାସ – ୬,
ଚିନ୍ମୟ ବିଦ୍ୟାଳୟ,
ଦେଓଗଡ



୨
ପ୍ରିୟାଂଶୁ ମହାପାତ୍ର
କ୍ଲାସ – ୮, ସେଣ୍ଟ
ଯୋସେଫ୍ କନ୍‌ଭେଣ୍ଟ
ସ୍କୁଲ, ସମ୍ବଲପୁର



୩
ପୀୟୁଷ ପଟେଲ୍
କ୍ଲାସ– ୪, ଚିନ୍ମୟ
ବିଦ୍ୟାଳୟ,
ଦେଓଗଡ



୪
ଦିବ୍ୟେଶ୍ ଅଗ୍ରୱାଲ
କ୍ଲାସ –୪, ବେଦିକ୍
ଇଣ୍ଟରନ୍ୟାଶନାଲ୍
ସ୍କୁଲ, ସମ୍ବଲପୁର



୫
ମୁକ୍ତାଜ୍ ମିଶ୍ର
କ୍ଲାସ–୧, ମଦନାବତୀ
ପବ୍ଲିକ୍ ସ୍କୁଲ,
ସମ୍ବଲପୁର



୬
ଆଦର୍ଶ ଚୌଧୁରୀ
କ୍ଲାସ – ୨, ଗୁରୁ ନାନକ
ପବ୍ଲିକ୍ ସ୍କୁଲ,
ସମ୍ବଲପୁର



୭
ଅସ୍ମିତ ଆଶୁତୋଷ ଆଚାର୍ଯ୍ୟ
କ୍ଲାସ –୬, ଚିନ୍ମୟ
ବିଦ୍ୟାଳୟ,
ଦେବଗଡ




୮
ଭବ୍ୟା ଭରତ
କ୍ଲାସ୍ – ୧, କେନ୍ଦ୍ରୀୟ
ବିଦ୍ୟାଳୟ,
ସମ୍ବଲପୁର



୯
ଶାଶ୍ୱତୀ ସେଠ୍
କ୍ଲାସ୍ –୪,
ସାହସପୁର ଶିକ୍ଷା ନିକେତନ,
ସମ୍ବଲପୁର



୧୦
ସ୍ନେହା ସିଂ
କ୍ଲାସ –୬, କୁରୋଡ
ୟୁପି ସ୍କୁଲ,
ଦେବଗଡ



ପାର୍ଥକ୍ୟ ଦର୍ଶାଅ

## ଆରଥରର ଉତ୍ତର

✲ସାହିତ୍ୟ
✲ରାଜୀବଗାନ୍ଧୀ ଖେଳରତ୍ନ ପୁରସ୍କାର
✲ପରମବୀର ଚକ୍ର
✲ରବୀଶ କୁମାର
✲ଅମିତାଭ ବଚ୍ଚନ

## ଏ ଥ ର ର ପ୍ର ଶ୍ନ

କେଉଁଟି ଅଲଗା

★ ବାଇଗଣ, ଅମୃତଭଣ୍ଡା, ଆଳୁ, ଟମାଟୋ
★ ସିଲିଣ୍ଡର, ଜ୍ୟାମିତି, ପରିମିତି, ବୀଜଗଣିତ
★ ଟ୍ରାକ୍ଟର, ଲଙ୍ଗଳ, ଶଗଡ, ଢେଙ୍କି
★ ଲୁହା, ରଡ, ତମ୍ବା, ଟିଣ,
★ ଦିନ, ମାସ, କ୍ୟାଲେଣ୍ଡର, ବର୍ଷ

## କହିଲ ଦେଖି



ଧୋବ ଫରଫର ତନୁ ମୋହର
ପ୍ରାଚୀନ ଉତ୍କଳେ ମୋ ବ୍ୟବହାର
ସାଧବପୁଅ ନେଇ କରେ ବେପାର
ସମୁଦ୍ର ଗରଭୁ ସଂଗ୍ରହ କର
ନୁହେଁ ମୁଁ ଶଙ୍ଖ ମାତ୍ର ମଙ୍ଗଳକର,
ଷଷ୍ଠୀପୂଜା, ଶବଯାତ୍ରାରେ ମୁଁ ଦରକାର ।
ଉତ୍ତର: କଉଡ଼ି

ଜଳଜୀବ ମୁଁ ହିଁ ନୁହେଁ ଜୋକ,
ମୋ ଗରଭୁ ଜନ୍ମନିଏ ମୌକ୍ତିକ ।
ଭେଷଜ ବିଦ୍ୟାରେ ଛୁରି ସାଜଇ,
ଧାର ପ୍ରଖର ବୋଲି ବୈଦ୍ୟ କହଇ ।
ଉତ୍ତର: ଶାମୁକା



– **ରମାକାନ୍ତ ପୁରୋହିତ,** ନିରାକାରପୁର, ଖୋର୍ଦ୍ଧା

## କବିତା

### ବାଘ ପରି ଶୀତ

**ବା**ଘ ପରି ଶୀତ ମାଡି ଆସିଲା
ଧରାକୁ କରିବ ଏବେ ଘାଇଲା
ସବୁ ଜୀବଙ୍କର ଯମ ସଦୃଶ
ଖୁଆଇ ଚାଲିବ ନିଇତି ବିଷ
ଅଜାଙ୍କ ଆଖିରୁ ବୋହିବା ବେଳେ
ଲୁହ ପୋଛି ନାତି ବସିଲା କୋଳେ
କହିଲା ଅଜା ହେ ମୁଁ ହେଲେ ବଡ
ଶୀତ ସଙ୍ଗେ ଲଢି ଭାଙ୍ଗିବି ହାଡ
କଥା ଶୁଣି ଅଜା ଚୁମାଟେ ଦେଇ
ଶୁଭାଶିଷ କଲେ ହସି ପକାଇ ।

– **ସରୋଜିନୀ ମହାନ୍ତି,** କ୍ଲାସ-୫
ମକାଶୁଖିଲା ପ୍ରାଥମିକ ବିଦ୍ୟାଳୟ,
ହରିଚନ୍ଦନପୁର, କେନ୍ଦୁଝର

### ଜୀବନରେ କେବେ ନ ହେବ ଶୁଆ



**ମି**ଟୁମିଟୁ ବୋଲି ଡାକିଲା ଶୁଆ
ଥଣ୍ଟ ଲାଲ ତା'ର ଦେହ ଶାଗୁଆ
ମଣିଷ ଭାଷାରେ କଥା କୁହଇ
ସଭିଙ୍କ ମନକୁ ସିଏ ଜିଣଇ
ଲଙ୍କା ଓ ପିଜୁଳି ପ୍ରିୟ ଆହାର
ନବାଗତଙ୍କୁ ସେ କରେ ଜୁହାର
ଅନୁକରଣ ପ୍ରିୟ ହେବାରୁ ସିଏ
ବନ୍ଦୀ ଜୀବନ ସେ ବିତାଇ ଥାଏ
କୋଇଲି ଗାଏ ଯେ ନିଜର ସ୍ୱର
ମୁକ୍ତ ବିହଙ୍ଗ ସେ କଣ୍ଠ ମଧୁର
ଜୀବନରେ କେବେ ନ ହେବ ଶୁଆ
ରଖିବ ସବୁଠି ନିଜସ୍ୱ କୁହା ।

–**ମନସ୍ୱିନୀ ସାହୁ,** କ୍ଲାସ-୯,
କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ

### ଅଜାଙ୍କ ମାଛଖିଆ



**ସ**କାଳୁ ସକାଳୁ ଅଜା ଯାଇଥିଲେ ବଡ଼ ବଜାର
ଆଣିଲେ କିଣିକି ଭାକୁର ମାଛଟେ
ଆଈ ବାଟୁଥିଲେ ଲଙ୍କା,ବେସର ।
ଆଈ ମାଛକାଟି
ଧୁଆଧୋଇ କରି ଚୁଲି ଲଗାଇଲେ ଯାଇ ସହଳ
ଅଜା ଆସୁଥିଲେ ଗାଧୋଇ ପାଧୋଇ
ଥଟା ମଜା କରି କେତେ ଚହଳ ।
ବଡ଼ ଖଡାଖାଇ
ଓଲେଇ ବିଲେଇ ଚୁପିଚୁପି ଆସି ଲାଞ୍ଜ ହଲେଇ
ଝାମ୍ପିକି ଧଇଲା ଭଜା ମାଛ ସବୁ
ଶିକାକୁ ଛିଡ଼ାଇ ଗଲା ପଳାଇ ।
ଧଡ଼ପଡ଼ ହୋଇ
ଖଡ଼ିକା ଧରିଣ ଧାଇଁ ଧାଇଁ ଆଈ ଦେଖିଲେ ଯାଇ
ବଂଶବୁଡ଼ା ସେ କାଳି ବିଲେଇଟା
ସବୁ ମାଛ ତକ ଦେଇଛି ଖାଇ ।
ହୋଇ ଭିଡ଼ାଭିଡ଼ି
ବୁଝାଇ ଆଈକୁ ବସିଲେ ଛପି ଅଜା ବାଟକୁ ଚାହିଁ
ରାଗ ଗରଗରେ ପିଟିଲେ ବିଲେଇ
ଘର ଛାଡି ଶେଷେ ଗଲା ପଳେଇ ।

–**ରାହାସ କୁମାର ବେହେରା**
ବାଲ୍ୟମ୍ବା,ଭାପୁର,ଢେଙ୍କାନାଳ
ମୋ:୯୪୩୮୧୧୪୩୬୮

## ଶିଶୁ ପ୍ରତିଭା

# ଅଲରାଉଣ୍ଡର ଶ୍ରାବଣୀ



**ଶ୍ରା**ବଣୀ ମହାନ୍ତି। କଟକ ଜୋବ୍ରା ମ୍ୟୁନିସିପାଲିଟି କଲୋନୀରେ ତାଙ୍କର ଘର। ପିତା ଆଡ୍‌ଭୋକେଟ୍ ଶୁଭେନ୍ଦୁ ମହାନ୍ତି ଓ ମାତା ବୀଣାପାଣି ମହାନ୍ତିଙ୍କର ଏହି କନ୍ୟା ବର୍ତ୍ତମାନ ଶିଖରପୁରସ୍ଥିତ ଗୁରୁ ନାନକ ପବ୍ଲିକ୍ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ। ପାଠପଢା ସହ ଓଡିଶୀ ନୃତ୍ୟ, କ୍ଲାସିକାଲ୍ ଗୀତ ଓ ପେଣ୍ଟିଂ ଆଦିରେ ବେଶ୍ ପାରଙ୍ଗମ। ୪ ବର୍ଷ ବୟସରୁ ସେ ଓଡିଶୀ ଶିଖୁଛନ୍ତି। ନିଜ ପରିବାର ସଦସ୍ୟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଓଡିଶୀ ନାଚିବାକୁ ଆଗ୍ରହୀ ହେଲେ ଶ୍ରାବଣୀ। ତାଙ୍କର ପ୍ରଥମ ଗୁରୁ ହେଲେ କଟକର ପ୍ରଦକ୍ଷିଣା ଓଡିଶୀ ଏକାଡେମୀର ମୁଖ୍ୟ ତଥା ଗୁରୁ ଅଂଶୁମାନ ମିଶ୍ର। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନ ଏବଂ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ କଲ୍‌ଚରାଲ୍ ରିସୋର୍ସ ଆଣ୍ଡ୍ ଟ୍ରେନିଂ ପକ୍ଷରୁ ଓଡିଶୀ କନିଷ୍ଠ ବର୍ଗରେ ବୃତ୍ତି ପାଇବାକୁ ମନୋନୀତ ହୋଇଛନ୍ତି ଏହି କୁନି ନୃତ୍ୟାଙ୍ଗନା। ଓଡିଶୀରେ ବଟୁ, ପଲ୍ଲବୀ, ନମାମି, ମଙ୍ଗଳାଚରଣ, ଅଭିନୟ ପ୍ରଦର୍ଶନ କରି ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। ୨୦୧୬ ଓ ୨୦୧୭ରେ ଭୁବନେଶ୍ୱର ଭଞ୍ଜକଳାମଣ୍ଡପରେ ନୃତ୍ୟ ନୈବେଦ୍ୟ ଓଡିଶୀ ଉତ୍ସବରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିବା ପରେ ଓଡ଼ିଶୀ ନୃତ୍ୟରେ ଆଗକୁ ଆଗେଇବାକୁ ସେ ନିଜ ମନକୁ ଆହୁରି ଦୃଢ଼ କରିଥିଲେ। ମହାନଦୀବିହାରଠାରେ ଅନୁଷ୍ଠିତ ମହ୍ଲାର ମହୋତ୍ସବ, ଶ୍ରୀଗୁଣ୍ଡିଚା ମହୋତ୍ସବ ଓ ସ୍ୱାଭିମାନ ମହୋତ୍ସବରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଭଞ୍ଜକଳାମଣ୍ଡପଠାରେ ଆୟୋଜିତ ଇଣ୍ଡିଆନ୍ କଲ୍‌ଚରାଲ୍ ଆସୋସିଏଶନ୍, କଟକ ମହାନଗର ନିଗମ ଓ ରୋଟାରି କ୍ଲବ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସେହିଭଳି ଭଞ୍ଜ କଳାମଣ୍ଡପଠାରେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ଡ୍ୟାନ୍ସ ଫେଷ୍ଟିଭାଲ୍, ଓଡିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଏବଂ କଟକ ମ୍ୟୁନିସିପାଲ୍ କର୍ପୋରେଶନ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ଶ୍ରାବଣୀ ଓଡ଼ିଶୀକୁ ଆଗକୁ ନେବାଲାଗି ଆଶା ରଖିଛନ୍ତି।

# ଜଣା ଅଜଣା



ପୃଥିବୀର ବୃହତ୍ତମ ପ୍ରାଣୀ ନୀଳ ତିମିର ହୃତପିଣ୍ଡର ଓଜନ ପ୍ରାୟ ୪୦୦ ପାଉଣ୍ଡ ଏବଂ ଏହାର ଆକାର ଏକ ଛୋଟ କାର ସଦୃଶ।



ବିରୁଡି ମରିବା ସମୟରେ ଏକ ପ୍ରକାର ଗ୍ୟାସ ବାୟୁମଣ୍ଡଳକୁ ଛାଡିଥାଏ। ଏହି ଗ୍ୟାସର ଗନ୍ଧ ଅନ୍ୟ ବିରୁଡିଙ୍କୁ ସତର୍କ ରହିବା ପାଇଁ ସୂଚନା ଦେଇଥାଏ।



ଗୋଟିଏ ପେଚାର ତିନୋଟି ଆଖିପତା ଥାଏ। ଗୋଟିଏ ଆଖି ପତା ଶୋଇବା ପାଇଁ, ଆଉ ଗୋଡିଏ ଆଖିକୁ ସଫା ରଖିବା ଲାଗି ଏବଂ ଅନ୍ୟଟି ଆଖିପତା ପକେଇବାରେ ବ୍ୟବହୃତ ହୋଇଥାଏ।



ଫ୍ଲେମିଙ୍ଗୋ ଛୁଆ ଜନ୍ମ ବେଳେ ଧଳା ବା ଧୂସର ରଙ୍ଗର ଥାଏ କିନ୍ତୁ ସମୟକ୍ରମେ ଏହା ଗୋଲାପି ରଙ୍ଗ ଧାରଣ କରେ।

ମନୁଷ୍ୟର ଆଖି ଏହାର ମୁଣ୍ଡର ୫ ପ୍ରତିଶତ ସ୍ଥାନ ନେଉଥିବା ବେଳେ ଏକ ପକ୍ଷୀର ଆଖି ଏହାର ୫୦ ପ୍ରତିଶତ ସ୍ଥାନ ନେଇଥାଏ।



ପ୍ରାୟତଃ ସମସ୍ତ ସରୀସୃପ ମାଂସାଶୀ ହୋଇଥିବା ବେଳେ କେତେକ କଇଁଛ ଏବଂ ଏଣ୍ଡୁଅ ପ୍ରଜାତି ତୃଣଭୋଜୀ ମଧ୍ୟ ଥା'ନ୍ତି।





ପ୍ରୀତିପ୍ରଜ୍ଞା
୭ ବର୍ଷ



ବିବିଧା
୭ ବର୍ଷ



ଫିଜା
୭ ବର୍ଷ

# ଆଇନା